# NATIONAL NEWS BULLETIN (ODIA)

## 14 September 2026

### Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଗଠନର ସଂକଳ୍ପକୁ ସୁଦୃଢ଼ କରିବା ପାଇଁ ଆସନ୍ତା ୧୭ ତାରିଖରୁ ଦେଶବ୍ୟାପୀ ଆରମ୍ଭ ହେବ ସେବା ସଂକଳ୍ପ ଅଭିଯାନ
- ଭାରତର ବ୍ରିକ୍ସ ଅଧ୍ୟକ୍ଷତା ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପ୍ରତିଫଳନ, କହିଲେ ବୈଦେଶିକ ବ୍ୟାପାର ସଚିବ
- ହିନ୍ଦୀ ଦିବସ ଅବସରରେ ଆଜି ନଭୀ ମୁମ୍ବାଇଠାରେ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀର ଉଦ୍‌ଘାଟନ କରିବେ ସ୍ୱରାଷ୍ଟ୍ରମନ୍ତ୍ରୀ
- ଶ୍ରଦ୍ଧା ଓ ଭକ୍ତିଭାବ ସହ ଆଜି ଦେଶବ୍ୟାପୀ ପାଳନ କରାଯାଉଛି ବିଘ୍ନନାଶକ ଗଜାନନଙ୍କ ଗଣେଶ ଚତୁର୍ଥୀ ପର୍ବ

ଏବଂ

- ମହିଳା ଏସିଆ କପ୍ କ୍ରିକେଟ୍ ଫାଇନାଲ୍‌ରେ ଶ୍ରୀଲଙ୍କାକୁ ୭୨ ରନ୍‌ରେ ପରାସ୍ତ କଲା ଭାରତ

# ପିଏମ୍-ଜନସେବା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସେବା ଯାତ୍ରାର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଏବଂ ୨୦୪୭ ସୁଦ୍ଧା ‘ବିକଶିତ ଭାରତ’ ଗଠନର ସଂକଳ୍ପକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆସନ୍ତା ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଏକ ମାସ ବ୍ୟାପୀ ସର୍ବଭାରତୀୟ ’ସେବା ସଂକଳ୍ପ ଅଭିଯାନ’ ଆୟୋଜନ ହେବ । ମୁମ୍ବାଇରେ ଗତକାଲି ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ କହିଛନ୍ତି, ଏହି ଅଭିଯାନ ବିଜେପି, ଏନଡିଏ ସହଯୋଗୀ ଦଳ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଦେଶର ନାଗରିକମାନଙ୍କ ଦ୍ୱାରା ଆୟୋଜିତ ହେବ। ଏହି ଅଭିଯାନକୁ ଦେଶର ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ, ଜିଲ୍ଲା, ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ ବୁଥ୍ ସ୍ତର ପର୍ଯ୍ୟନ୍ତ ନିଆଯିବ। **V/O**

କାର୍ଯ୍ୟକ୍ରମରେ ‘ସେବା ଦିବସ’ ଅଧୀନରେ ରକ୍ତଦାନ ଓ ଜନ-କୃତଜ୍ଞତା ଜ୍ଞାପନ, ‘ମୋ ସ୍ୱପ୍ନର ଭାରତ’ ବିଷୟବସ୍ତୁ ଉପରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା, ଅଙ୍ଗନବାଡ଼ି ଓ ଆଶା କର୍ମୀଙ୍କୁ ସମ୍ମାନିତ କରିବା ଏବଂ ସରକାରୀ ଯୋଜନାର ହିତାଧିକାରୀଙ୍କ ସଫଳତା କାହାଣୀ ପ୍ରଦର୍ଶନ କରିବା ଆଦି ସାମିଲ କରାଯିବ।

ଅନ୍ୟାନ୍ୟ ପଦକ୍ଷେପ ମଧ୍ୟରେ 'ସେବା ଜ୍ୟୋତି କଳଶ ଯାତ୍ରା', 'ଭଦନଗର-ବାରାଣାସୀ ସେବା ଯାତ୍ରା', 'ମାଇଁ କଣ୍ଟ୍ରିବ୍ୟୁସନ୍ ଟୁ ସେଭା', 'ସେବା ସେତୁ ଅଭିଯାନ', 'ସେବେଚେ ରଙ୍ଗ, ରାଷ୍ଟ୍ରସଙ୍ଗେ' ଏବଂ 'ସେବା ଫାଷ୍ଟ ଇନୋଭେସନ୍ ଚ୍ୟାଲେଞ୍ଜ' ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ଅକ୍ଟୋବର ୧୭ ତାରିଖରେ ଚାରୋଟି ସ୍ଥାନରେ 'ସୁଶାସନ ସମ୍ପର୍କିତ ଆଲୋଚନାଚକ୍ର'ମଧ୍ୟ ଆୟୋଜନ କରାଯିବ।

# ବ୍ରିକ୍ସ

ନୂଆଦିଲ୍ଲୀରେ ଶେଷ ହୋଇଥିବା ବ୍ରିକ୍ସ ସମ୍ମିଳନୀରୁ ଅନେକ ଦୃଢ଼ ଏବଂ ବିକାଶମୁଖୀ ଫଳାଫଳ ମିଳିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ ସୁଧାକର ଦଲେଲା ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ବିଭିନ୍ନ କ୍ଷେତ୍ରରେ ୫୦ରୁ ଅଧିକ ଫଳାଫଳ ହାସଲ କରାଯାଇଛି। ସେ ଏହାକୁ ଭାରତର ବ୍ରିକ୍ସ ଅଧ୍ୟକ୍ଷତା ପାଇଁ ଏକ ବଡ଼ ସଫଳତା ବୋଲି ବର୍ଣ୍ଣନା କରିଛନ୍ତି। ବ୍ରିକ୍ସ ଜାତିସଂଘର ସଂସ୍କାର ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି ।

ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୭ ମସିହାରେ ଚୀନ୍‌ର ବ୍ରିକ୍ସ ଅଧ୍ୟକ୍ଷତା ପାଇଁ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ସମ୍ମିଳନୀର ସଫଳତାରେ ଅବଦାନ ପାଇଁ

ସମସ୍ତ ପ୍ରତିନିଧି ଦଳ ଏବଂ ସେମାନଙ୍କ ଦଳକୁ କୃତଜ୍ଞତା ଜଣାଇଛନ୍ତି ।

**V/O**

ଶ୍ରୀ ଦଲେଲା କହିଛନ୍ତି ଯେ ଭାରତର ବ୍ରିକ୍ସ ଅଧ୍ୟକ୍ଷତା ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପ୍ରଦର୍ଶନ କରିବା ଏବଂ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସାଂସ୍କୃତିକ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବାର ସୁଯୋଗ ମଧ୍ୟ ପ୍ରଦାନ କରିଥିଲା ।

# ବ୍ରିକ୍ସ-ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀ ଅବସରରେ ଅନେକ ଉଚ୍ଚ-ସ୍ତରୀୟ ଦ୍ୱିପାକ୍ଷିକ ବୈଠକ କରିଥିଲେ । ଗତ ତିନି ଦିନ ମଧ୍ୟରେ, ଶ୍ରୀ ମୋଦୀ ବିଭିନ୍ନ ଦେଶର ରାଷ୍ଟ୍ର ଓ ସରକାରଙ୍କ ମୁଖ୍ୟଙ୍କ ସହ ୧୫ଟି ବୈଠକ କରିବା ସହ ବିଶ୍ୱ ନେତା ଏବଂ ଆନ୍ତର୍ଜାତୀୟ ସଂସ୍ଥାର ମୁଖ୍ୟମାନଙ୍କ ସହ ଅନେକ ଅନୌପଚାରିକ ଆଲୋଚନା ମଧ୍ୟ କରିଥିଲେ । ଏହି ବୈଠକଗୁଡ଼ିକ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା, ପାରସ୍ପରିକ ସ୍ୱାର୍ଥ ଜଡ଼ିତ ବିଷୟ ଉପରେ ଆଲୋଚନା କରିବା ଏବଂ ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ଘଟଣାବଳୀ ଉପରେ ମତାମତ ଆଦାନପ୍ରଦାନ କରିବାର ସୁଯୋଗ ପ୍ରଦାନ କରିଥିଲା ।

# ଟ୍ରମ୍ପ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି,  ଇରାନ ଏକ ଚୁକ୍ତିରେ ପହଞ୍ଚିବାକୁ ଆଗ୍ରହୀ । ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ କିମ୍ବା ପରେ ଯୁଦ୍ଧ ଶେଷ ହୋଇପାରେ ବୋଲି ସେ କହିଛନ୍ତି। ଆମେରିକା ରାଷ୍ଟ୍ରପତି କହିଛନ୍ତି  ପାରସ୍ୟ ଉପସାଗର ସୀମାବର୍ତ୍ତୀ ଦେଶଗୁଡ଼ିକ ଇରାନ ସହିତ ଆଲୋଚନା କରିବେ କି ନାହିଁ ସେନେଇ ଆମେରିକା ଚିନ୍ତିତ ନୁହେଁ । ଇରାନ ଏବଂ ଅନ୍ୟ ଦେଶଗୁଡ଼ିକ ହର୍ମୁଜ୍ ପ୍ରଣାଳୀ ଏବଂ ବ୍ୟାପକ ଆଞ୍ଚଳିକ ସୁରକ୍ଷା ବିଷୟରେ ଆଲୋଚନା କରିବା ପାଇଁ ଓମାନରେ ବୈଠକ କରିବାର ଗୋଟିଏ ଦିନ ପୂର୍ବରୁ ଶ୍ରୀ ଟ୍ରମ୍ପ ଏହା କହିଛନ୍ତି ।

# ହିନ୍ଦୀ ଦିବସ

ସାରା ଦେଶରେ ଆଜି'ହିନ୍ଦୀ ଦିବସ' ପାଳନ କରାଯାଉଛି। ୧୯୪୯ ମସିହା ଆଜିର ଦିନରେ ସମ୍ବିଧାନ ସଭା ଦେବନାଗରୀ ଲିପିରେ ଲିଖିତ ହିନ୍ଦୀକୁ ଦେଶର ରାଜଭାଷା ଭାବରେ ଗ୍ରହଣ କରିଥିଲା। ବର୍ତ୍ତମାନ ହିନ୍ଦୀ ବିଶ୍ୱର ଅନ୍ୟତମ ବ୍ୟାପକ ଭାବେ କଥିତ ଭାଷା ଏବଂ ୫୨ କୋଟିରୁ ଅଧିକ ଲୋକଙ୍କର ମାତୃଭାଷା ଭାବେ ବ୍ୟବହାର ହେଉଛି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଆଜି ନଭି ମୁମ୍ବାଇରେ ଆୟୋଜିତ ହେବାକୁ ଥିବା 'ହିନ୍ଦୀ ଦିବସ' କାର୍ଯ୍ୟକ୍ରମ ଏବଂ ଷଷ୍ଠ 'ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ'ରେ ଯୋଗଦେବେ। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି

ସମ୍ମିଳନୀରେ ବିଭିନ୍ନ କ୍ଷେତ୍ରର ବିଦ୍ୱାନ, ସାହିତ୍ୟିକ, ଶିକ୍ଷାବିତ୍, ସାଂସଦ, ବରିଷ୍ଠ ସରକାରୀ ଅଧିକାରୀ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷ ସାମିଲ ହେବେ। ସେମାନେ ହିନ୍ଦୀର ରାଜଭାଷା, ଜନଭାଷା ଓ ସଂଯୋଗକାରୀ ଭାଷା ଭାବରେ ବିକାଶ ତଥା ଅନ୍ୟାନ୍ୟ ଭାରତୀୟ ଭାଷା ସହିତ ଏହାର ସମନ୍ୱୟ ଉପରେ ଆଲୋଚନା କରିବେ। ଉଦ୍‌ଘାଟନୀ ଅଧିବେଶନରେ ଆଜି ଶ୍ରୀ ଶାହ ୨୦୨୫-୨୬ ବର୍ଷ ପାଇଁ 'ରାଜଭାଷା ଗୌରବ' ଏବଂ 'ରାଜଭାଷା କୀର୍ତ୍ତି' ପୁରସ୍କାର ପ୍ରଦାନ କରିବେ।

# ଗଣେଶ ଚତୁର୍ଥୀ

ସାରା ଦେଶରେ ଆଜି ଗଣେଶ ଚତୁର୍ଥୀ ପର୍ବ ଅତ୍ୟନ୍ତ ଭକ୍ତିଭାବର ସହ ପାଳନ କରାଯାଉଛି। ଏହି ଦିନ  ଜ୍ଞାନ, ସମୃଦ୍ଧି ଏବଂ ସୌଭାଗ୍ୟର ପ୍ରତୀକ ପ୍ରଭୁ ଗଣେଶଙ୍କ ଜନ୍ମୋତ୍ସବ ପାଳନ କରାଯାଏ। ବିନାୟକ ଚତୁର୍ଥୀ ତଥା ଗଣେଶ ଉତ୍ସବ ଭାବରେ ଜଣାଶୁଣା ଏହିପୂଜା ଦଶଦିନ ଧରି ପାଳନ କରାଯିବ ।  ଉତ୍ସବର ଶେଷ ଦିନରେ ପ୍ରଭୁ ଗଣେଶ ଙ୍କ ପ୍ରତିମୂର୍ତ୍ତି ଜଳାଶୟରେ ବିସର୍ଜନ କରାଯାଇଥାଏ ।  ମହାରାଷ୍ଟ୍ରରେ ଗଣେଶ ଚତୁର୍ଥୀ ଏକ ମୁଖ୍ୟ ପର୍ବ ଭାବେ ପାଳନ କରାଯାଏ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଣେଶ ଚତୁର୍ଥୀ ଅବସରରେ  ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି କହିଛନ୍ତି ପ୍ରଭୁ ଗଣେଶ ଜ୍ଞାନ, ସମୃଦ୍ଧି ଏବଂ ଶୁଭାରମ୍ଭର ପ୍ରତୀକ । ଗଣେଶ ଚତୁର୍ଥୀ ପର୍ବ ଆମ ଜୀବନରେ ଶକ୍ତି,

ଜ୍ଞାନ ଏବଂ ସକାରାତ୍ମକତା ଆଣିଥାଏ। ସେ କହିଛନ୍ତି ଏହି ପବିତ୍ର ପର୍ବ ସମସ୍ତଙ୍କୁ ଜୀବନରେ ନୂତନ ସଂକଳ୍ପ ସହ ପ୍ରଗତିର ପଥରେ ଆଗକୁ ବଢ଼ିବାକୁ ପ୍ରେରଣା ଦିଏ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ  ପ୍ରଭୁ ଗଣେଶ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି, ଉତ୍ତମ ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ଆଣନ୍ତୁ ବୋଲି କାମନା କରିଛନ୍ତି ।

## ଓମାନ

ଓମାନ ଉପକୂଳ ନିକଟରେ ବାଣିଜ୍ୟିକ ଜାହାଜ ଏମ୍‌ଟି ଇଏଲ୍ ଗୟା ଉପରେ ହୋଇଥିବା ଆକ୍ରମଣକୁ ଭାରତ ନିନ୍ଦା କରିଛି। ଓମାନସ୍ଥିତ ଭାରତୀୟ ଦୂତାବାସର ସୂଚନା ଅନୁଯାୟୀ, ୧୩ ଜଣ ଭାରତୀୟ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ  ଜଣେ ନାଗରିକଙ୍କୁ ଠାବ କରିବା ଲାଗି ଉଦ୍ୟମ ଜାରି ରହିଛି । ଓମାନର କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରାଯାଇ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

ଭାରତ ପୁଣି ଥରେ କୂଟନୈତିକ ଆଲୋଚନା ଜରିଆରେ ଉତ୍ତେଜନା ହ୍ରାସ କରିବା ସହ ସଂପୃକ୍ତ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବା ପାଇଁ ଆହ୍ୱାନ ଦେଇଛି। ବାଣିଜ୍ୟିକ ଜାହାଜ, ନାବିକ, ସାଧାରଣ ନାଗରିକ ଏବଂ ଭିତ୍ତିଭୂମି ଉପରେ ଆକ୍ରମଣ ଗ୍ରହଣୀୟ ନୁହେଁ ବୋଲି ଭାରତ କହିଛି ।

ଅନ୍ତର୍ଜାତୀୟ ଜଳପଥ ଦେଇ ମୁକ୍ତ ଓ ସୁରକ୍ଷିତ ନୌଚଳାଚଳ ତଥା ବାଣିଜ୍ୟ ପ୍ରବାହକୁ ଯଥାଶୀଘ୍ର ପୁନଃସ୍ଥାପନ କରିବାକୁ ମଧ୍ୟ ଦୂତାବାସ ଆହ୍ୱାନ ଦେଇଛି ।

# ୟେମେନ

ୟେମେନରେ ସଂଘର୍ଷ ତୀବ୍ରତର ହୋଇଛି । ସରକାରୀ ସେନା ପକ୍ଷରୁ ଲୋହିତ ସାଗର  ଅଞ୍ଚଳରେ ଇରାନ-ସମର୍ଥିତ ହୁଥି ବିଦ୍ରୋହୀଙ୍କ ବିରୋଧରେ ଆକ୍ରମଣ ଆରମ୍ଭ କରିଥିବା ବେଳେ, ହୁଥି ପକ୍ଷରୁ ସାଉଦି ଆରବ ଉପରରେ ଆକ୍ରମଣ କରାଯାଇଥିବା ଜଣାଯାଇଛି ।

ଗତ ସପ୍ତାହରେ ହୁଥି ବିଦ୍ରୋହୀମାନେ ମୋଖା ବନ୍ଦର ସହର ଏବଂ ବାବ୍-ଏଲ୍-ମାଣ୍ଡେବ ପ୍ରଣାଳୀରେ ଥିବା ଏକ ଦ୍ୱୀପକୁ ନିଜ ଅକ୍ତିଆରକୁ ନେବା ପରେ ୟେମେନ ସରକାର  ପରାଜୟ ସ୍ୱୀକାର କରିଥିଲେ ।

ସଂପୃକ୍ତ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇବା ପରେ ବିଶ୍ୱସ୍ତରରେ ତୈଳ ଯୋଗାଣ ଓ ମୂଲ୍ୟ ଉପରେ ଚାପ ସୃଷ୍ଟି ବୃଦ୍ଧି ପାଇଛି ।  ତେବେ ୟେମେନ ପୁନର୍ବାର ଏକ ଗୃହଯୁଦ୍ଧ ଆଡ଼କୁ ଗତି କରୁଥିବା ଆଶଙ୍କା କରାଯାଉଥିବା ବେଳେ ସେଠାରେ ହିଂସାତ୍ମକ ସଂଘର୍ଷ ଯୋଗୁଁ ୮୦ ହଜାରରୁ ଅଧିକ ଲୋକ ବିସ୍ଥାପିତ ହୋଇଥିବା ଜଣାପଡ଼ିଛି ।

# ଏସିଆ କପ୍ କ୍ରିକେଟ୍

ଦୁବାଇରେ ଅନୁଷ୍ଠିତ ମହିଳା ଏସିଆ କପ୍ କ୍ରିକେଟ୍ ଫାଇନାଲରେ ଭାରତ ୭୨ ରନ୍‌ରେ  ଶ୍ରୀଲଙ୍କାକୁ ପରାସ୍ତ କରି ଅଷ୍ଟମ ଥର ପାଇଁ ଏସିଆ କପ୍ ଟାଇଟଲ୍ ହାସଲ କରିଛି। ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଓ୍ୱିକେଟ୍ ହରାଇ ୧୮୩ ରନ୍ କରିଥିଲା ।  ଶେଫାଳି ବର୍ମାଙ୍କୁ 'ପ୍ଲେୟର୍ ଅଫ୍ ଦି ମ୍ୟାଚ୍' ଘୋଷଣା କରାଯାଇଥିଲା। ଜବାବରେ ଶ୍ରୀଲଙ୍କା ୧୯ ଓଭର ୪ଟି ବଲ୍‌ରେ ସମସ୍ତ ଓ୍ୱିକେଟ ହରାଇ ୧୧୧ ରନ୍ ସ୍କୋର କରିବାକୁ ସକ୍ଷମ ହୋଇଥିଲା ।

ପୁରୁଷ କ୍ରିକେଟ୍‌ରେ, ଗତକାଲି  ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚରେ ଭାରତ ଆଫଗାନିସ୍ତାନକୁ ୭ ଓ୍ୱିକେଟ୍‌ରେ ପରାସ୍ତ କରି ତିନି-ମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ରହିଛି ।  ପ୍ରଥମେ ବ୍ୟାଟିଂ କରି ୨୦ ଓଭର୍‌ରେ ଆଫଗାନିସ୍ତାନ ୮ ଓ୍ୱିକେଟ୍ ବିନିମୟରେ ୧୫୬ ରନ୍ କରିଥିବା ବେଳେ ଭାରତ ୧୩ ଓଭର୍ ୪ଟି ବଲ୍‌ରେ ୩ ଓ୍ୱିକେଟ୍ ବିନିମୟରେ ୧୫୭ ରନ୍ ସ୍କୋର କରିଥିଲା ।

ଏହି ସିରିଜର ଅନ୍ୟ ଦୁଇଟି ମ୍ୟାଚ୍ ଆସନ୍ତାକାଲି  ଏବଂ ଗୁରୁବାର ଦିନ ସେହି ଷ୍ଟାଡିୟମରେ ଖେଳାଯିବ।

## ଆର୍ଚେରୀ

ମେକ୍ସିକୋର ସାଲ୍‌ଟିଲୋ ଠାରେ ଅନୁଷ୍ଠିତ ତୀରନ୍ଦାଜୀ ବିଶ୍ୱକପ୍ ଫାଇନାଲ୍‌ରେ ଶୀର୍ଷ ମାନ୍ୟତା ପ୍ରାପ୍ତ ଭାରତୀୟ ଖେଳାଳି ଧୀରଜ ବୋମ୍ମାଦେବରା ଜାପାନର ନାକାନିଶି ଜୁନ୍ୟାଙ୍କୁ ସୁଟ୍-ଅଫ୍’ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏହି ବିଜୟ ସହ ସେ ପ୍ରଥମ ଭାରତୀୟ ରିକର୍ଭ ତୀରନ୍ଦାଜରେ ଇତିହାସ ସୃଷ୍ଟି କରିଛନ୍ତି। ୨୪ ବର୍ଷୀୟ ତଥା ବିଶ୍ୱର ୧୦ ନମ୍ବର ମାନ୍ୟତା ପ୍ରାପ୍ତ ଏହି ସେନା ଯବାନ ଜଣକ କ୍ୱାର୍ଟର ଫାଇନାଲ୍ ଓ ସେମିଫାଇନାଲ୍‌ରେ ଉନ୍ନତ ପ୍ରଦର୍ଶନ କରିବା ସହ ଫାଇନାଲ୍‌ରେ ବିଶ୍ୱର ୨୦ ନମ୍ବର ଖେଳାଳି ନାକାନିଶିଙ୍କୁ  ୬-୪ ସେଟ୍‌ରେ ପରାସ୍ତ କରିଥିଲେ।  ପୂର୍ବରୁ ଜୟନ୍ତ ତାଲୁକଦାର ଶେଷ ପୁରୁଷ ରିକର୍ଭ ତୀରନ୍ଦାଜ ଭାବେ ୨୦୧୦ ମସିହାରେ ଏଡିନବର୍ଗ ଠାରେ ବ୍ରୋଞ୍ଜ ପଦକ ଜିତିଥିଲେ।

ସେହିପରି ଡୋଲା ବାନାର୍ଜୀ  ଅନ୍ୟତମ ଭାରତୀୟ ଖେଳାଳି ଭାବେ ୨୦୦୭ ବିଶ୍ୱକପ୍ ଫାଇନାଲରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ।

## ହକି

ଏସିଆ କପ୍ ହକି ଟାଇଟଲ୍ ହାସଲ କରିବା ପରେ ଭାରତୀୟ କନିଷ୍ଠ ମହିଳା ହକି ଦଳକୁ ଉପ-ରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍  ଅଭିନନ୍ଦନ

ଜଣାଇଛନ୍ତି । ସେ ଜୁନିୟର ପୁରୁଷ ହକି ଦଳକୁ ମଧ୍ୟ ଫାଇନାଲରେ ୪-୧ ବ୍ୟବଧାନରେ  ବିଜୟ ହାସଲ କରି ଏସିଆ କପ୍ ଜିତିଥିବାରୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରାଧାକୃଷ୍ଣନ୍ କହିଛନ୍ତି ଏହି ଉଲ୍ଲେଖନୀୟ ବିଜୟ ଯୁବ ଖେଳାଳିମାନଙ୍କର ଅସାଧାରଣ ପ୍ରତିଭା, ଶୃଙ୍ଖଳା ଏବଂ ଦୃଢ଼ ସଂକଳ୍ପକୁ ପ୍ରତିଫଳିତ କରେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ଜୁନିୟର ମହିଳା ହକି ଦଳକୁ ଅପରାଜେୟ ରହି ଏସିଆ କପ୍ ଟାଇଟଲ୍ ବଜାୟ ରଖିଥିବାରୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଦଳର ସଫଳତା ଖେଳାଳିମାନଙ୍କର ପ୍ରତିଭା ଓ ଦୃଢ଼ ସଂକଳ୍ପକୁ ପ୍ରତିଫଳିତ କରେ ।  ଜୁନିୟର ପୁରୁଷ ହକି ଦଳକୁ ମଧ୍ୟ ବିଜୟ ପାଇଁ ଶ୍ରୀ ମୋଦୀ ଅଭିନନ୍ଦନ ଜଣାଇଛନ୍ତି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ  ଉଭୟ ପୁରୁଷ ଓ ମହିଳା ଦଳକୁ ଅଭିନନ୍ଦନ ଜଣାଇ କହିଛନ୍ତି,  ସେମାନଙ୍କର ବିଜୟ ଏବଂ ଖେଳ କୌଶଳର ପ୍ରଦର୍ଶନ ଅନ୍ୟ ଉଦୀୟମାନ ଖେଳାଳିମାନଙ୍କୁ ଭାରତର ଚାମ୍ପିଅନ୍ ତାଲିକାରେ ସାମିଲ ହେବାକୁ ଅନୁପ୍ରାଣିତ କରିବ ।